# NATIONAL NEWS BULLETIN (ODIA)

**2 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବାରାଣାସୀଠାରେ ପିଏମ୍ କିଶାନ ସମ୍ମାନନିଧିର ୨୦ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

- କହିଲେ ଗତ ୧୦ ବର୍ଷ ମଧ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକାରତାର ସହ କାର୍ଯ୍ୟ କରିଛନ୍ତି ।

- ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି କହିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ।

- ୟୁପିଆଇ ମାଧ୍ୟମରେ ଗତମାସରେ ହୋଇଛି ରେକର୍ଡ ପରିମାଣର କାରବାର ।

- ଭାରତ - ୟୁଏନ୍ ବିଶ୍ୱ କ୍ଷମତା ନିର୍ମାଣ ପଦକ୍ଷେପ ଅନ୍ତର୍ଗତ ୪ଟି ବିକାଶମୂଳକ ପ୍ରକଳ୍ପର ପ୍ରଥମପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରିଛି ଭାରତ ।

ଏବଂ

- ଓଭାଲ ଟେଷ୍ଟର ଆଜି ତୃତୀୟ ଦିନରେ ଭାରତ ଗତକାଲିର ସ୍କୋର୍ ୨ଡ୍ୱିକେଟ୍‌ରେ ୭୫ରନ୍‌ରୁ ଦ୍ୱିତୀୟ ଇନିଂସରୁ ଆରମ୍ଭ କରିବ ବ୍ୟାଟିଂ ।

# ପିଏମ୍ କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପିଏମ୍ କିଶାନ ସମ୍ମାନରେ କୃଷକ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏକ ଉଦାହରଣ । ଗତ ୧୦ବର୍ଷ ମଧ୍ୟରେ ଚାଷୀଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିଛନ୍ତି । ଉତ୍ତରପ୍ରଦେଶର ତାଙ୍କ ସଂସଦୀୟ କ୍ଷେତ୍ର ବାରାଣାସୀରୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତୀ ଅର୍ଥ ପ୍ରଦାନ କରି ଏହା କହିଛନ୍ତି ।

**V/O (PM Kissan)**

୯ କୋଟି ୭୦ଲକ୍ଷରୁ ଅଧିକ ଚାଷୀଙ୍କୁ ଏହି କିସ୍ତିରେ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଯୋଜନା ଅଧୀନରେ ପ୍ରତିବର୍ଷ ୬ହଜାର ଟଙ୍କାର ଆର୍ଥିକ ଅନୁଦାନ ୩ଟି କିସ୍ତିରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଥାଏ । ଏ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ମୋଟ୍ ୩ଲକ୍ଷ ୯୦ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇସାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୨୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଛୋଟ ଜିଲ୍ଲା ଗୁଡ଼ିକର ଉନ୍ନତିକରଣ ଦିଗରେ କାର୍ଯ୍ୟ କରାଯିବ । ଫସଲବୀମା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୧ଲକ୍ଷ ୭୫ହଜାର କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିକଶିତ କୃଷି ସଂକଳ୍ପ ଅଭିଯାନ ମାଧ୍ୟମରେ ପରୀକ୍ଷାଗାରରୁ ଚାଷଜମି ପର୍ଯ୍ୟନ୍ତ ବାର୍ତ୍ତା ପ୍ରଦାନ ସହିତ ସରକାର ୧ଲକ୍ଷ ଚାଷକାର୍ଯ୍ୟ ନେଇ ମତ ସଂଗ୍ରହ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଅପରେସନ ସିନ୍ଦୂରର ସଫଳତା ପରେ ପ୍ରଥମଥର ପାଇଁ ସେ କାଶୀ ଗସ୍ତ କରିଛନ୍ତି । ବାବା ବିଶ୍ୱନାଥଙ୍କ କୃପା ସହିତ ଭାରତ ପହଲଗାମ ଆକ୍ରମଣ ପୀଡିତଙ୍କୁ ନ୍ୟାୟ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O (PM Sindoor)**

ବାରାଣାସୀଠାରେ ପ୍ରଧାନମନ୍ତ୍ରୀ ପ୍ରାୟ ୨ହଜାର ୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଭିତ୍ତିଭୂମି ବିକାଶ ଏବଂ ସହରାଞ୍ଚଳ ଉନ୍ନତି ନେଇ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି । ସେଗୁଡ଼ିକ ମଧ୍ୟରେ ବାରାଣାସୀ ଭାଦୋହି ସଡ଼କପଥ ଏବଂ ଛିତାଉନି-ଶୂଳ ଟଙ୍କେଶ୍ୱର ରାସ୍ତାର ଉନ୍ନତି ତଥା ପ୍ରଶସ୍ତିକରଣ, ହରିଦତ୍ତପୁରଠାରେ ରେଳବାଇ ଓଭରବ୍ରିଜ ଆଦି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଲାମୋହିରେ ମୁନ୍‌ସୀ ପ୍ରେମଚାନ୍ଦଙ୍କ ପୈତୃକ ଗୃହର ପୁନଃ ବିକାଶ ଏବଂ ସଂଗ୍ରହାଳୟର ଉନ୍ନତିକରଣ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟନେଇ ପ୍ରଧାନମନ୍ତ୍ରୀ ୮ଟି ନଦୀକୂଳ ଘାଟର ପୁନଃ ବିକାଶ, ଦୁର୍ଗାକୁଣ୍ଡର ପୁର୍ନଉଦ୍ଧାର ଏବଂ ଜଳ ବିଶୋଧନାଗାର ଉଦ୍‌ଘାଟନ କରିଛନ୍ତି ।

# ବିହାର-ଶିବରାଜ

ଦେଶର କୃଷକଙ୍କ ସ୍ୱାର୍ଥହାନି ଭଳି କ୍ଷେତ୍ରରେ ସରକାର କୌଣସି ପ୍ରକାର ସାଲିସ କରିବେ ନାହିଁ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି । ବିହାରର ପାଟ୍‌ନାଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ପିଏମ୍

କିଶାନ ସମ୍ମାନନିଧି କିସ୍ତି ପ୍ରଦାନ ଅବସରରେ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି...

**V/O (Shivraj Singh Chouhan)**

ଶ୍ରୀ ଚୌହ୍ୱାନ କହିଛନ୍ତି କୃଷି କ୍ଷେତ୍ରରେ ଗବେଷଣାଲବ୍ଧ ଜ୍ଞାନକୁ ପହଞ୍ଚାଇବା ଲକ୍ଷ୍ୟନେଇ ସରକାର ବିକଶିତ କୃଷି ସଂକଳ୍ପ ଅଭିଯାନ ପଦକ୍ଷେପ ଗ୍ରହଣ କରିଥିଲେ । କୃଷି ବୈଜ୍ଞାନିକ ଏହି ଅଭିଯାନ ଅଧୀନରେ ଚାଷୀଙ୍କ ପାଖରେ ପହଞ୍ଚି ସେମାନଙ୍କର ସମସ୍ୟାର ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ । ଉତ୍ପାଦକଥା ବୃଦ୍ଧି ପାଇଁ କେନ୍ଦ୍ର ସରକାର ସୁଲଭ ଋଣ, ସାର, ଗୁଣବତ୍ତା ସମ୍ପନ୍ନ ବିହନ ଏବଂ କୀଟନାଶକ ଭଳି ସହାୟତା ପ୍ରଦାନ କରୁଛନ୍ତି ବୋଲି କୃଷିମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ।

## ନଡ୍ଡା-ଅର୍ଗାନ ଡୋନେସନ ଡେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି ଗତବର୍ଷ ପ୍ରାୟ ୧୮ହଜାର ୯୦୦ ଅଙ୍ଗ ପ୍ରତିରୋପଣ କରାଯାଇଛି । ଏ କ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି । ନୂଆଦିଲ୍ଲୀଠାରେ ଆଜି ୧୫ତମ ଅଙ୍ଗଦାନ ଦିବସ ସମାବେଶକୁ ସମ୍ବୋଧନ କରି ଶ୍ରୀ ନଡ୍ଡା କହିଛନ୍ତି ବର୍ଷକ ମଧ୍ୟରେ ଅଙ୍ଗ ପ୍ରତିରୋପଣରେ ଏହା

ସର୍ବାଧିକ । ୨୦୨୩ ମସିହାରେ ୩ଲକ୍ଷରୁ ଅଧିକ ନାଗରିକ ନୋଟୋ ମାଧ୍ୟମରେ ଅଙ୍ଗଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ତୃତୀୟ ସ୍ଥାନରେ ରହିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି । ପ୍ରତ୍ୟେକ ଅଙ୍ଗଦାତା ଜଣେ ନୀରବ ନାୟକ, ଯାହାଙ୍କ ନିଃସ୍ୱାର୍ଥପର କାର୍ଯ୍ୟ ଅନ୍ୟର ଦୁଃଖକୁ ଆଶାରେ ଏବଂ କ୍ଷତିକୁ ଜୀବନରେ ପରିଣତ କରିପାରେ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଏହି ଅବସରରେ ବିଭିନ୍ନ ଅଙ୍ଗଦାତାଙ୍କ ପରିବାର ଏବଂ ଅଙ୍ଗ ଗ୍ରହଣକାରୀଙ୍କୁ ଶ୍ରୀ ନଡ୍ଡା ସମ୍ବୋଧିତ କରିଛନ୍ତି । ନୋଟୋର ବାର୍ଷିକ ରିପୋର୍ଟ ସହ ଅଙ୍ଗଦାନ କ୍ଷେତ୍ରରେ ୩ଟି ସଚେତନତା ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ନଡ୍ଡା ଉନ୍ମୋଚନ କରିଛନ୍ତି ।

## ୟୁପିଆଇ ରେକର୍ଡ

ଦେଶର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ମୁଖ୍ୟ ମାଧ୍ୟମ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଦ୍ୱାରା ଗତମାସରେ ରେକର୍ଡ ପରିମାଣ କାରବାର ହୋଇଛି । ୧ହଜାର ୯୪୭କୋଟି କାରବାର ମାଧ୍ୟମରେ ୨୫ଲକ୍ଷ ୧୦ହଜାର କୋଟି ଟଙ୍କା ୟୁପିଆଇ ମାଧ୍ୟମରେ ଆଦାନ ପ୍ରଦାନ ହୋଇଥିବା ଜଣାପଡିଛି । ବର୍ଷକୁବର୍ଷ ତୁଳନାତ୍ମକ ଭାବରେ ଲକ୍ଷ୍ୟକରି କାରବାର ୩୫ ପ୍ରତିଶତ ବୃଦ୍ଧି ପାଇବା ସହ ଆର୍ଥିକ ଦେଣନେଣ ୨୨ ପ୍ରତିଶତ ବୃଦ୍ଧି ପାଉଥିବା ଏକ ସମୀକ୍ଷାରୁ ଜଣାପଡିଛି ।

ଦେଶରେ ଡିଜିଟାଲ ପେମେଣ୍ଟ ଇକୋ ସିଷ୍ଟମର ସୁଦୃଢ଼ତାକୁ ଏହା ପ୍ରତିପାଦନ କରୁଛି । ଦୈନିକ ହାରାହାରି ୟୁପିଆଇ କାରବାର ୬୨କୋଟି ୮୦ଲକ୍ଷକୁ ବୃଦ୍ଧି ପାଇଛି । ଜୁନ୍ ମାସରେ ଏହା ୬୧କୋଟି ୩୦ଲକ୍ଷ ରହିଥିଲା । ୟୁପିଆଇ ମାଧ୍ୟମରେ ଋଣ ପ୍ରଦାନ, ନଗଦ କାରବାର, ସରକାରଙ୍କ ପ୍ରୟାସ ଏଭଳି ଅଭିବୃଦ୍ଧିର କାରଣ ବୋଲି ବିଶେଷଜ୍ଞଗୋଷ୍ଠୀ ଆକଳନ କରିଛନ୍ତି ।

## ଇଣ୍ଡିଆ-ୟୁଏନ୍ ପ୍ରୋଜେକ୍ଟ

ଭାରତ ଜାତିସଂଘ ବିଶ୍ୱ କ୍ଷମତା ନିର୍ମାଣ ପଦକ୍ଷେପ ଅନ୍ତର୍ଗତ ୪ଟି ବିକାଶମୂଳକ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭାରତ ଆରମ୍ଭ କରିଛି । ଦକ୍ଷିଣ ବିଶ୍ୱରାଷ୍ଟ୍ରଗୁଡ଼ିକର ନିରନ୍ତର ବିକାଶ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମଭାଗ ସଚିବ ତନ୍ମୟ ଲାଲ ଗତକାଲି ଆନୁଷ୍ଠାନିକ ଭାବେ ଏହି ପ୍ରକଳ୍ପ ଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ମନ୍ତ୍ରଣାଳୟ କହିଛି ଭାରତର ବିକାଶ ସହଯୋଗୀ ପଦକ୍ଷେପ ଆଧାରରେ ଦକ୍ଷିଣ ବିଶ୍ୱ ରାଷ୍ଟ୍ରଗୁଡ଼ିକରେ ବିଭିନ୍ନ କ୍ଷେତ୍ରରେ ଉନ୍ନତି ନେଇ କାର୍ଯ୍ୟ କରାଯାଉଛି । ଏହି ପ୍ରଥମ ପର୍ଯ୍ୟାୟ ଅଭିଯାନରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ନେପାଳରେ ଚାଉଳ ଏବଂ ଯୋଗାଣ ଶୃଙ୍ଖଳ ପରିଚାଳନା, ୟୁଏନ୍‌ଡିପି ସହାୟତାରେ ଜାମ୍ବିଆ

ଏବଂ ଲାଓପିଡିଆର୍‌ରେ ଡିଜିଟାଲ ସ୍ୱାସ୍ଥ୍ୟ ପ୍ଲାଟଫର୍ମର ବିକଶିତ କରିବା, ଜାତିସଂଘ ଜନସଂଖ୍ୟା ପାଣ୍ଠି ମାଧ୍ୟମରେ ବେଲିଜ୍, ବାର୍ବାଡୋସ୍, ସେଣ୍ଟକିଟ୍‌ସ ଏବଂ ନେଭିସ୍, ସୁରିନାମ ଏବଂ ତ୍ରିନିଦାଦ ଓ ଟବାଗୋରେ ଜନଗଣନା ପ୍ରସ୍ତୁତି ପାଇଁ ସେଠାକାର ଅଧିକାରୀଙ୍କୁ ତାଲିମ ପ୍ରଦାନ କରିବା ଆଦି ଅନ୍ତର୍ଭୁକ୍ତ । ୟୁନେସ୍କୋ ସହାୟତାରେ ଦକ୍ଷିଣ ସୁଦାନରେ ବୃତ୍ତିଗତ ତାଲିମ ପ୍ରଦାନ କରାଯିବ ।

## ନାସା-ସ୍ପେସ୍ ମିଶନ

ନାସାର କ୍ରୁ-୧୧ ମିଶନ ଅଧୀନରେ ଆମେରିକା, ଜାପାନ ଏବଂ ରୁଷ୍‌ର ୪ଜଣ ମହାକାଶଚାରୀ ସଫଳତାର ସହ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ଆଇଏସ୍‌ଏସ୍‌ରେ ପହଞ୍ଚିଛନ୍ତି । ଉତ୍କ୍ଷେପଣର ୧୫ଘଣ୍ଟା ପରେ ମହାକାଶଚାରୀଙ୍କୁ ନେଇ ଯାଇଥିବା ଯାନ ଭାରତୀୟ ସମୟ ପୂର୍ବାହ୍ନ ୧୧ଟା ୫୭ ମିନିଟ୍‌ରେ ଆଇଏସ୍‌ଏସ୍ ସହିତ ସଂଯୁକ୍ତ ହୋଇଥିଲା । ଏହି ମହାକାଶଚାରୀଙ୍କୁ ନେଇ ସ୍ପେସ୍-ଏକ୍ସ ଫାଲକନ-୯ ରକେଟ୍ ସାହାଯ୍ୟରେ ମହାକାଶଯାନ ଫ୍ଲୋରିଡାସ୍ଥିତ ନାସାର କେନେଡି ମହାକାଶ କେନ୍ଦ୍ରରୁ ଗତକାଲି ରାତି ୯ଟା ୧୩ ମିନିଟ୍‌ରେ ଉତ୍କ୍ଷେପଣ କରାଯାଇଥିଲା । ୬ମାସର ରହଣି ମଧ୍ୟରେ ଏହି ମହାକାଶଚାରୀମାନେ ବିଭିନ୍ନ ବୈଜ୍ଞାନ ପରୀକ୍ଷଣରେ ସାମିଲ ହେବେ । ଗତ ମାର୍ଚ୍ଚ ମାସର ଆଇଏସ୍‌ଏସ୍‌ରେ

ଅବସ୍ଥାନ କରୁଥିବା କ୍ରୁ-୧୦ର ସଦସ୍ୟଙ୍କଠାରୁ ଏହି ମହାକାଶଚାରୀମାନେ ଦାୟିତ୍ୱ ଗ୍ରହଣ କରିବେ । କ୍ରୁ-୧୦ ଆସନ୍ତା ବୁଧବାର ଦିନ ପୃଥିବୀ ପୃଷ୍ଠକୁ ଫେରିବାର କାର୍ଯ୍ୟସୂଚୀ ରହିଛି ।

## କ୍ରିକେଟ୍

ଓଭାଲ୍ ଟେଷ୍ଟରେ ଆଜି ତୃତୀୟ ଦିନରେ ଭାରତ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରଖିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଖେଳ ଆରମ୍ଭ ହେବ । ଗତକାଲି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୨ ଓ୍ୱିକେଟ୍ ବିନିମୟରେ ୭୫ ରନ୍ ସଂଗ୍ରହ କରିଥିଲା । ଭାରତ ଏପର୍ଯ୍ୟନ୍ତ ୫୨ ରନ୍‌ରେ ଆଗୁଆ ରହିଛି । ଯଶସ୍ୱୀ ଜୟସ୍ୱାଲ ୫୧ ରନ୍ ଏବଂ ଆକାଶଦୀପ୍ ୪ ରନ୍ କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି ।

ପୂର୍ବରୁ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୨୪୭ ରନ୍ ସ୍କୋର କରିଥିଲା । ଭାରତ ତା'ର ପ୍ରଥମ ଇନିଂସରେ ୨୨୪ ରନ୍ କରିଥିଲା । ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ୫ଟିକିଆ ଟେଷ୍ଟ ସିରିଜରେ ଏପର୍ଯ୍ୟନ୍ତ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତିଥିବା ବେଳେ ଭାରତ ଗୋଟିଏ ମ୍ୟାଚ୍ ଜିତିଛି । ଚତୁର୍ଥ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିଲା ।